## ଶିଶୁ ସୁରକ୍ଷା ଟାସ୍କ ଫୋର୍ସର ହୋଟେଲ ଓ ଗ୍ୟାରେଜ ଯାଞ୍ଚ

# ୬ ଶିଶୁ ଶ୍ରମିକ ଉଦ୍ଧାର

ଜୟପୁର, ୨୧।୨(ସମିସ)

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜୟପୁର ସହରର ବିଭିନ୍ନ ହୋଟେଲ ଓ ଗ୍ୟାରେଜମାନଙ୍କୁ ଶିଶୁ ସୁରକ୍ଷା ଓ କଲ୍ୟାଣ କମିଟି ଏବଂ ଶ୍ରମ ବିଭାଗକୁ ନେଇ ଗଠିତ ଟାସ୍କ ଫୋର୍ସ କମିଟି ପକ୍ଷରୁ ଯାଞ୍ଚ କରାଯାଇ ୬ ଜଣ ନାବାଳକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ କୋରାପୁଟ ସୁଧାରଗୃହକୁ ନିଆଯାଇଛି। ଆଜି ସକାଳୁ ଏହି ଦଳ ଜୟପୁର ସହରର ବିଭିନ୍ନ ହୋଟେଲ ଓ ଗ୍ୟାରେଜ ବୁଲିବା ସମୟରେ



ଶିଶୁ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ପାଇଥିଲେ। ଦଳରେ ରହିଥିବା ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ମାଝୀ, ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷା ଡ. ବି.ଗାୟତ୍ରୀ ଦେବୀ, ଚାଇଲ୍ଡଲାଇନ କର୍ମକର୍ତ୍ତା ତପସ୍ୱିନୀ ମାଝି, ଟାଉନଥାନା ପୁଲିସ ପକ୍ଷରୁ ସଗରର ୨୦ରୁ ଉର୍ଦ୍ଧ୍ୱ ହୋଟେଲ ଓ ଦୁଇ, ଚାରି ଚକିଆ ଯାନ ମରାମତି ଗ୍ୟାରେଜ ଯାଞ୍ଚ କରିଥିଲେ। ଶିଶୁମାନଙ୍କ ଅଭିଭାବକଙ୍କ କୋରାପୁଟ ଡକାଯାଇ କାଉନସିଲିଂ କରିବା ସହ ସେମାନଙ୍କ ପାଠ ପଢ଼ା ସହ ଅନ୍ୟାନ୍ୟ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯିବ ବୋଲି ସୂଚାଯାଇଛି।

# ୨ ସ୍କୁଟିକୁ ଧକ୍କା ଦେଲା ବୋଲେରୋ; ଜଣେ ମୃତ

ଜୟପୁର, ୨୧।୨(ସମିସ): ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଉମୁରୀ ଗ୍ରାମଠାରେ ଆଜି ଅପରାହ୍ନରେ ଦୁଇଟି ସ୍କୁଟିକୁ ଏକ ବୋଲେରୋ ଧକ୍କା ଦେଇଛି। ଫଳରେ ଘଟଣାସ୍ଥଳରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ସ୍କୁଟି ଚାଳକ ଗୁରୁତର ଥିବା ଜଣାପଡ଼ିଛି। ତାଙ୍କୁ କୋରାପୁଟ ମେଡିକାଲ କଲେଜ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମୃତ ସ୍କୁଟି ଚାଳକ ଉମୁରୀ ଗ୍ରାମର ବିବେକ ନାୟକ (୩୦) ହୋଇଥିବା ବେଳେ ଗୁରୁତର ଥିବା ଅନ୍ୟ ସ୍କୁଟି ଚାଳକ ଜୟପୁର ସହର ନୂଆସାହିର ସତିଶ ସାହୁ(୩୦) ବୋଲି ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଉମୁରୀ ଗ୍ରାମର ମୃତ ସ୍କୁଟି ଚାଳକ ବିବେକ ଆଜି ଅପରାହ୍ନ ସାଢେ ୨ଟା ସମୟରେ ଜୟପୁରରୁ ନିଜ ସ୍କୁଟି (ଓଡି୧୦ଏବି-୪୭୬୨) ଯୋଗେ ଘରକୁ ଫେରୁଥିଲେ ଏବଂ ଅନ୍ୟ ଜଣେ ଚାଳକ ସତିଶ ତାଙ୍କ ସ୍କୁଟି (ଓଡି୧୦ଏମ୍୭୨୮୨) ଯୋଗେ ଆମ୍ବାଗୁଡା ଆଇଟିଆଇ କଲେଜ

### ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ଯାଉଥିବା ବେଳେ ବୋରିଗୁମ୍ମା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବଲେରୋ (ଓଡି ୧୦ଏଏ-୦୪୫୬) ଉଭୟ ସ୍କୁଟି ଚାଳକଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ସ୍କୁଟି ଚାଳକ ବିବେକଙ୍କ ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ଦ୍ୱିତୀୟ ସ୍କୁଟି ଚାଳକ ସତିଶଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଜିଲ୍ଲା ଚିକିତ୍ସାଳୟ ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ରହିଥିବା ଯୋଗୁଁ ତାଙ୍କୁ ତୁରନ୍ତ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ବଲେରୋ ଡ୍ରାଇଭର ସଦରଥାନାକୁ ଯାଇ ଆତ୍ମସମର୍ପଣ କରିଦେଇଥିଲେ। ଗୁରୁତର ଆହତ ଥିବା ସତିଶ ଆକାଶବାଣୀର ଜଣେ ସ୍ୱିକୃତପ୍ରାପ୍ତ ବଂଶୀ ବାଦକ ହୋଇଥିବା ବେଳେ ଆଉ କିଛି ଦିନ ପରେ ତାଙ୍କ ବିବାହ ହେବାକୁ ଥିବା ଜଣାପଡ଼ିଛି। ଦୁର୍ଘଟଣାକୁ ନେଇ ଉମୁରୀ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟା ୭ଟାରେ ଉମୁରୀ ଠାରେ ୨୬ ନମ୍ବର ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀ ଲୋକଙ୍କୁ ବୁଝାସୁଝା ପରେ ରାସ୍ତାରୋକ ହଟିଥିବା ନେଇ ଥାନା ଅଧିକାରୀ ସଚ୍ଚିଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଡ୍ରେନ ମଝିରେ ବିପଦସଂକୁଳ ବିଦ୍ୟୁତ୍ ଖୁଣ୍ଟ

ପୋଲସରା,୨୧।୨(ସମିସ): ଡ୍ରେନ୍ ଭିତରେ ବିପଦସଂକୁଳ ଅବସ୍ଥାରେ ଅଛି ବିଦ୍ୟୁତ ଖୁଣ୍ଟ। ଟିପିଏସଓଡିଏଲ ଏବଂ ମ୍ୟୁନିସିପାଲିଟିର ଅବହେଳା ଯୋଗୁଁ ଅତ୍ୟନ୍ତ ବିପଦପୂର୍ଣ୍ଣ



ଭାବେ ଯାତାୟାତ କରିବା ଓ ବସବାସ କରୁଥିବା ଲୋକଙ୍କ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି। ପୋଲସରା ମ୍ୟୁନିସିପାଲିଟି ଅନ୍ତର୍ଗତ ୨ନମ୍ବର ୱାର୍ଡ ବିଶ୍ୱନାଥ ନଗରରେ ଦୀର୍ଘ ଦିନ ହେବ ଏହି ବିଦ୍ୟୁତଖୁଣ୍ଟର ତଳ ପଟୁ ଭାଙ୍ଗି ଯିବା ସହ ଡ୍ରେନ ପାଖର୍ରେ ଧରାଶାୟୀ ହୋଇରହିଛି। ଖୁଣ୍ଟଟି ଡ୍ରେନର ମଧ୍ୟ ଭାଗରେ ଥିବାରୁ ବର୍ଷା ଦିନରେ ପାଣିରେ ଭାସୁଥିବା ଅଳିଆ ଆବର୍ଜନା ସହ ପ୍ଲାଷ୍ଟିକ ଓ ବୋତଲ ଭାସି ଏଠାରେ ଲାଗିଥାଏ ଯାହାଫଳରେ ସହିବାସିନ୍ଦା ନାନା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଆଶ୍ଚର୍ଯ୍ୟର କଥାହେଲା ଏହି ବିଦ୍ୟୁତ ଖୁଣ୍ଟଟି ବିଶ୍ୱନାଥ ନଗର ବାସିନ୍ଦା ପବିତ୍ର ପ୍ରଧାନଙ୍କ ଘର ସାମ୍ନାରେ ଥିବା ଯୋଗୁଁ ସେ ନିଜ ପରିବାର ଅସୁରକ୍ଷିତ ଥିବା ନେଇ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ତଥାପି ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଶ୍ୱନାଥ ସାହିବାସୀ ଦାବି କରିଛନ୍ତି।

# ବନ ବିଭାଗ ପକ୍ଷରୁ ବିଜା ପଟା ଜବତ



ବୈପାରୀଗୁଡା, ୨୧।୨(ସମିସ): ମୂଲ୍ୟବାନ କାଠପଟା ଚୋରା ଚାଲାଣ ବେଳେ ମାଡି ବସିଲା ବନ ବିଭଗ। ୨୫ ଟି ବିଜା ପଟା ଜବତ କରିଛି ବୈପାରୀଗୁଡା ବନ ବିଭାଗ। ବୈପାରୀଗୁଡା ବନାଞ୍ଚଳ ଅଧିନସ୍ତ ରାମଗିରି ରାସ୍ତା ତେନ୍ତୁଳିପଦର ଛକରେ ବନ ବିଭାଗର ପାଟ୍ରୋଲିଂ ଚାଲିଥିଲା। ସେହି ସମୟରେ କିଛି ବାଇକ ଯୋଗେ ବିଜା ପଟା ଚୋରା ଚଲାଣ ହେଉଥିଲା। ହେଲେ ପଟା ମାଫିଆ ଦୂରରୁ ବନ ବିଭଗ କର୍ମଚାରୀଙ୍କୁ ଦେଖି ପଟା ଗୁଡିକୁ ରାସ୍ତା କଡ଼ରେ ଛାଡି ଅନ୍ଧାର ରାତିର ସୁଯୋଗ ନେଇ ଖସି ପଳାଇଲେ। ରାସ୍ତା କଡ଼ରେ ପଡ଼ିଥିବା ୨୫ଟି ବିଜା ପଟାକୁ ବନ ବିଭାଗ ଜବତ କରିଛି। ଜବତ ହୋଇଥିବା ବିଜାପଟାର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଚଢ଼ଉ ସମୟରେ ମାଠପୋଡ଼ ବନପାଳ ରବୀନ୍ଦ୍ର ପ୍ରଧାନ, ବନରକ୍ଷୀ କରୁଣା ଦିଶାରୀ, ପ୍ରିୟଙ୍କା କର, ଶଙ୍କର ଚୌଧୁରୀ ଏବଂ ପରା ଷ୍ଟାଫ ଉପସ୍ଥିତ ଥିଲେ।

## ● ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ

# ଇଂରାଜୀରେ ୬୪୦ ଛାତ୍ରଛାତ୍ରୀ ଅନୁପସ୍ଥିତ

କୋରାପୁଟ, ୨୧।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନରେ ଜିଲ୍ଲାର ୯୪ଟି ପରୀକ୍ଷା କେନ୍ଦ୍ରରେ ଚାଲିଥିବା ଇଂରାଜୀ ପରୀକ୍ଷାରେ ୬୪୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ରେଗୁଲାରରେ ୧୮୧୬୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ଏକ୍ସ ରେଗୁଲାରେ ୧୧୧ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ଥିଲେ। ସେହିପରି ଏସଓଏସସିରେ ୧୩୧୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୭୮ ଅନୁପସ୍ଥିତ ରହିଥିବା ବେଳେ ମଧ୍ୟମାରେ ଜଣେ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ସୂଚନା ଦେଇଛନ୍ତି। ଦ୍ୱିତୀୟ ଦିନର ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ସେ କହିଛନ୍ତି। ଦ୍ୱିତୀୟ ଦିନ ପରୀକ୍ଷାରେ ୧୫୭ ଜଣ ରେଗୁଲାର ଛାତ୍ରଛାତ୍ରୀ ଅନୁପସ୍ଥିତ ରହିବା ଚିନ୍ତାର କାରଣ ହୋଇଛି। ଏତେ ସଂଖ୍ୟକ ଛାତ୍ରଛାତ୍ରୀ କେଉଁ କାରଣରୁ ଅନୁପସ୍ଥିତ ରହିଲେ ତାହା ତଦନ୍ତ ସାପେକ୍ଷ ଅଟେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ‘ଗୁହାରି ଶୁଣ ଦୀନବନ୍ଧୁ’ ମଞ୍ଚସ୍ଥ

କୁକୁଡାଖଣ୍ଡି,୨୧।୨(ସମିସ): ବ୍ରହ୍ମପୁର ଉପକଣ୍ଠ ଅଙ୍କୁଶପୁର ଗ୍ରାମରେ ସ୍ଥାନୀୟ କଳାକାରଙ୍କୁ ନେଇ ସାମାଜିକ ନାଟକ “ଗୁହାରି ଶୁଣ ଦୀନବନ୍ଧୁ’ ମଞ୍ଚସ୍ଥ ହୋଇଥିଲା। ଗ୍ରାମର ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଏହି ନାଟକ ପରିବେଷିତ ହୋଇଥିଲା। ଏହାକୁ ସୁଶାନ୍ତ କୁମାର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବା ବେଳେ ମୁଖ୍ୟ ପରିଚାଳକ ଭାବେ ସମାଜସେବୀ ସଞ୍ଜୟ କୁମାର ସାହୁ ଦାୟିତ୍ୱ ନିର୍ବାହ କରୁଥିଲେ। ସହ ପରିଚାଳନାର ଦାୟିତ୍ୱ ବଳରାମ ବେହେରା ନିଭାଇଥିଲେ। ସମସ୍ତଙ୍କ ସମନ୍ୱୟ ଓ ପ୍ରୟାସରେ ନାଟକଟି ସୁସଂଘଟିତ ଭାବେ ମଞ୍ଚସ୍ଥ ହୋଇଥିଲା। ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳର ସହସ୍ରାଧିକ ଦର୍ଶକ ଉପସ୍ଥିତ ରହି ନାଟକକୁ ଉପଭୋଗ କରିଥିଲେ। କଳାକାରଙ୍କ ଅଭିନୟ ଅତ୍ୟନ୍ତ ଉଚ୍ଚକୋଟୀର ଥିବାରୁ ଦର୍ଶକମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ଗ୍ରାମବାସୀ ଓ କଳାକାର ମାନଙ୍କ ସହଯୋଗରେ ଏହି ସାମାଜିକ ନାଟକ ସଫଳ ଭାବେ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଓ କମିଟି ସଦସ୍ୟମାନେ ଉପସ୍ଥିତ ରହି ନାଟକ ନିର୍ଦ୍ଦେଶକଙ୍କୁ ସମ୍ମାନିତ କରିଥିଲେ। ଗ୍ରାମରେ ଏପରି ସାମାଜିକ ସଚେତନତାମୂଳକ ନାଟକ ଆୟୋଜନକୁ ସମସ୍ତ ମହଲରୁ ପ୍ରଶଂସା କରାଯାଇଛି।



# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ







ବ୍ରହ୍ମପୁର,୨୧।୨(ସମିସ):

ସହର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ କରାଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମାତୃଭାଷା ବ୍ୟବହାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବାଲାଜୀପେଣ୍ଠ ସାହି ସ୍ଥିତ ମହାସଂଘ କାର୍ଯ୍ୟାଳୟ ପରିସରରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବରିଷ୍ଠ କଳାକାର ନୀଳାମ୍ବର ସାହୁ, ତବଲା ବାଦକ ସୁମତି ସାହୁ ଓ ଲୋକନାଟକ କଳାକାର ଦୀନବନ୍ଧୁ ପାତ୍ର ଯୋଗଦେଇ ମାତୃଭାଷାର ବ୍ୟବହାର ଓ ପ୍ରସାର ମଧ୍ୟରେ ଜାତୀୟ ପ୍ରଗତି ସଙ୍ଗୋପିତ ହେତୁ କଳାକାର ସମାଜ ନିଜର ନୈତିକ ମୂଲ୍ୟବୋଧ ଭିତ୍ତିରେ ତାହା ସମ୍ପାଦନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉପମାହସଚିବ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାସଂଘର ସଭାପତି ସୀମାନ୍ତ ନଟରାଜ ଡ଼. ତିରୁପତି ସାହୁ ଏବଂ କାର୍ଯ୍ୟକାରୀ ସଭାପତି ବରିଷ୍ଠ ଶିଶୁ ସାହିତ୍ୟିକ ଡ. ବିଜୟ ଚନ୍ଦ୍ର ମହାରଣା ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ। ପରିଶେଷରେ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବରାମ ସାବତ, ଜି. କାମରାଜୁ ପାତ୍ର, ଟୁଟୁ ସାହୁ, ଈଶ୍ୱର ଗୌଡ଼, ତବତ ସାହୁ ଓ କେଶବ ସିଅ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ପିଏମ ଶ୍ରୀ ସିଟି ହାଇସ୍କୁଲ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତୃଭାଷା ଦିବସ ପାଳନର ଇତିହାସ, ମହତ୍ତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ଛାତ୍ରମାନଙ୍କୁ ଅବଗତ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣେଷ ହଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ସମ୍ମାନିତ ବକ୍ତା ପ୍ରାକ୍ତନ ଦକ୍ଷିଣାଞ୍ଚଳ ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ମାତୃଭାଷା ପାଳନର ଇତିହାସ ଓ ତାତ୍ପର୍ଯ୍ୟ ଦର୍ଶାଇବା ସହ ଛାତ୍ରଛାତ୍ରୀଙ୍କୁ ମାତୃଭାଷାର ଅଭିବୃଦ୍ଧି ନିମନ୍ତେ ଚେଷ୍ଟିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହା ସହ ମାତୃଭାଷା ପ୍ରତି ଶ୍ରଦ୍ଧା ଓ ସମ୍ମାନ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଡ. ବନମାଳୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ, ଚିନ୍ମୟୀ ସାହୁ, ନୟନିକା ମହାପାତ୍ର, ସୁହାସିନୀ ବିଶ୍ୱାଳ, ପୂଜା ପଲାଇ ଓ ଅର୍ପିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।





ରମ୍ଭା,୨୧।୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଆର୍. ବିଞ୍ଝଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ସଂଗୀତା ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଲଳିତ ବେହେରା, ସମ୍ମାନିତ ଅତିଥି ଭାବେ ଅଙ୍ଗନବାଡି କର୍ମୀ ଆରତୀ ପ୍ରଧାନ ଏବଂ ମହିଳା ଗୋଷ୍ଠୀ ତତ୍ତ୍ୱାବଧାରିକା ମମତା ବେହେରା ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ଦେବସ୍ମିତା ବେହେରା ମଧୁସୂଦନ ରାଓଙ୍କ ଲିଖିତ ବାରମାସ ଗୀତକୁ ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ କରିଥିଲେ। ପାଚିକା ଟୁନି ବେହେରା ଓ ସହାୟିକା ବୁଦ୍ଧିସତୀ ବେହେରା ସହଯୋଗ କରିଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ ମୁଖ୍ୟଅତିଥି, ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ମାତୃଭାଷା ପ୍ରମୁଖ ଆଚାର୍ଯ୍ୟ ପ୍ରମୋଦ ଶେଖର ଡାକୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଆଚାର୍ଯ୍ୟ ବାବୁଲା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟା ପ୍ରଗତି ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।

**ସୋରଡ଼ା:** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଋଷିକୂଲ୍ୟା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ହୃଷୀକେଶ ମିଶ୍ର ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ରଥ ଅତିଥି ପରିଚୟ ତଥା ଆଭିମୁଖ୍ୟ ପ୍ରଦାନ କରିଥଲେ। ଅତିଥିଙ୍କ ସହ ଦୁଃଖିଶ୍ୟାମ ସାହୁ ଓ ବରିଷ୍ଠ ଆଚାର୍ଯ୍ୟ ନାରାୟଣ ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ଆଚାର୍ଯ୍ୟ ନାରାୟଣ ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ପୌର ପରିଷଦରେ ଡମ୍ପିଂୟାର୍ଡ ସମସ୍ୟା

# ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ହେବ ସମାଧାନ: ପୌରାଧ୍ୟକ୍ଷ

କୋରାପୁଟ, ୨୧।୨(ସମିସ)

କୋରାପୁଟ ପୌର ପରିଷଦର ରହିଥିବା ଆକାଶଗୁଡା ଡ଼ମ୍ପିଂୟାର୍ଡ ନିୟମିତ କରିବାକୁ ପ୍ରଭାବିତ ଗ୍ରାମବାସୀଙ୍କୁ ନେଇ ଗତ ଜାନୁଆରୀ ମାସ ୨୧ ତାରିଖରେ ବୈଠକ ହୋଇଥିଲା। ବୈଠକରେ ପୌର ପରିଷଦର ଅଧିକାରୀ, ଅଧ୍ୟକ୍ଷ ଏବଂ କାଉନସିଲରମାନଙ୍କ ସହ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ବୈଠକରେ ସହମତି ନେଇ ୭ ଦିନ ସମୟ ଦିଆଯାଇଥିଲା। କିନ୍ତୁ ସମୟ ବିତି ଗଲାଣି ଗ୍ରାମବାସୀଙ୍କ ଠାରୁ ପୌର ପ୍ରଶାସନ କୌଣସି ଉତ୍ତର ପାଇ ନ ଥିବା ବେଳେ ଆକାଶଗୁଡା ଗ୍ରାମବାସୀଙ୍କ ସହ ଆଉଥରେ ଆଲୋଚନା କରାଯିବ ବୋଲି ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ଆକାଶଗୁଡା, ରଥ ଶର୍ମା କଲୋନୀ ଏବଂ ସୁନାପୁର ଗ୍ରାମବାସୀ ବିରୋଧ କରିବା ପରେ କନ୍ଧଗୁଡା ନିକଟରେ ରାଜସ୍ୱ ବିଭାଗ ତରଫରୁ ଡମ୍ପିଂୟାର୍ଡ ପାଇଁ ଜମି ଚିହ୍ନଟ କରାଯାଇ ପୌର ପରିଷଦକୁ ପ୍ରଦାନ କଲେ। ଏହା ପରେ ଜମି ମରାମତି ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କନ୍ଧଗୁଡାରେ



ଅଳିଆ ଆବର୍ଜନା ପକାଇବାର କିଛି ମାସରେ ନିକଟସ୍ଥ ଗ୍ରାମବାସୀ ବିରୋଧ କଲେ। ଗ୍ରାମବାସୀଙ୍କ ବିରୋଧକୁ ଦେଖି ପୌର ପରିଷଦ କର୍ତ୍ତୃପକ୍ଷ ପୁଣି ସୁନାପୁରଠାରେ ଅଳିଆ ଆବର୍ଜନା ଡମ୍ପ କଲେ। କୋରାପୁଟ ସହରରୁ ପ୍ରତ୍ୟେକ ଦିନ ୨୫ ଟନ ଅଳିଆ ଆବର୍ଜନା ବାହାରୁଛି। ଅଳିଆ ଆବର୍ଜନା ପୃଥକିକରଣ ନିମନ୍ତେ ରଥଶର୍ମା କଲୋନୀ ଏବଂ ସୁନାପୁରରେ ଦୁଇଟି ୟୁନିଟ୍ ସ୍ଥାପନ କରାଯାଇଛି। ସେଠାରେ ମହିଳା କର୍ମଚାରୀ ମାନେ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ନିୟୋଜିତ କର୍ମଚାରୀ ମାନେ ଦିନକୁ ୧୧ ଟନ ପୃଥକୀକରଣ କରୁଛନ୍ତି। ବଳକା ୧୪ ଟନ ଅଳିଆ ଆବର୍ଜନା ଡମ୍ପ ହୋଇ ରହୁଛି। ଯଦ୍ୱାରା ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହେଉଛି। ଦିନକୁ ଦିନ ସହରରେ ଘର ସଂଖ୍ୟା ଏବଂ ଜନସଂଖ୍ୟା ବୃଦ୍ଧି ପାଉଛି। ଏହି ବୃଦ୍ଧି ଦୃଷ୍ଟିରେ ସହର ମଧ୍ୟ ଭାଗରେ ଅଳିଆ ଆବର୍ଜନା ଡ଼ମ୍ପ କରିବା ଅନୁଚିତ ବୋଲି ସହରବାସୀ କହିଛନ୍ତି। କୋରାପୁଟ ପୌର ପରିଷଦର ନିଜସ୍ୱ ଜମିରେ ଆକାଶଗୁଡା ଡ଼ମ୍ପିଂୟାର୍ଡ ସ୍ଥାପନ କରାଯାଇଛି। ଉକ୍ତ ସ୍ଥାନରେ ପୁଣି ଥରେ ଅଳିଆ ଆବର୍ଜନା ପକାଇବାକୁ ଗ୍ରାମବାସୀଙ୍କୁ ଡାକି ଆଉ ଥରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକାରୀ ନ ହୋଇ କିପରି ମଳ ଉପଚାର କେନ୍ଦ୍ରରେ ଅର୍ଥ ଅଯଥା ଖର୍ଚ୍ଚ କରାଯାଇଛି ତାହାକୁ ନେଇ ଏବେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଲାଣ୍ଡିଗୁଡାଠାରେ ସ୍ଥାପିତ ମଳ ଉପଚାର କେନ୍ଦ୍ର ୨୦୨୪ ମସିହା ଅଗଷ୍ଟ ୩୧ ତାରିଖ ଦିନ ଉଦଘାଟିତ ହୋଇଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉକ୍ତ କେନ୍ଦ୍ରଟି କାର୍ଯ୍ୟକାରୀ ହେଉ ନାହିଁ। ମାତ୍ର ଉକ୍ତ କେନ୍ଦ୍ରର ପରିଚାଳନା ନିମନ୍ତେ ଏକ ମହିଳା ଗୋଷ୍ଠୀକୁ ମାସିକ ୬୯ ହଜାର ଟଙ୍କା ପ୍ରଦାନ କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟକାରୀ ହେଉ ନାହିଁ ମାତ୍ର କାହିଁକି ଅର୍ଥ ପ୍ରଦାନ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ଅଜଣାଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଡାବୁଗାଁ, ୨୧।୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମହେନ୍ଦ୍ରୀ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ମୁଣ୍ଡିଗୁଡା ଗ୍ରାମର କୃଷ୍ଣ ଭତରା (୭୦) ଶୁକ୍ରବାର ଅପରାହ୍ନରେ ମହେନ୍ଦ୍ରୀ ଛକ ନିକଟରେ ଥିବା ଧାନ ମିଲକୁ ଧାନ ବିକ୍ରି କରିବା ପାଇଁ ଆସିଥିଲେ। ଡାବୁଗାଁ-ପାପଡ଼ାହାଣ୍ଡି ରାଜ୍ୟ ରାଜପଥ-୩୯ ଉପରେ ରାତ୍ର ପ୍ରାୟ ୭ ଟା ସମୟରେ ମିଲରୁ ବାହାରି ଚାଲି ଚାଲି ରାସ୍ତା ପାର ହେଉଥିବା ସମୟରେ ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ କୃଷ୍ଣ ଭତରା ରାସ୍ତା କଡକୁ ଛିଟିକି ପଡ଼ି ଆହତ ହୋଇଥିଲେ। ତାଙ୍କୁ ଛକ ପାଖରେ ଥିବା ଅନ୍ୟ ଲୋକମାନେ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ସମୟରେ ବିଳମ୍ବିତ ରାତ୍ରିରେ କୃଷ୍ଣ ଭତରାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ଝିଅ ପାର୍ବତୀ ଭତରା ଶନିବାର ପୂର୍ବାହ୍ନରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଥାନା ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୩୫/୨୬ରେ ଏକ ମାମଲା ରୁଜୁ କରାଯାଇଥିଲା।

